ଡି-ବ୍ଲକ ଅଶୋକ ନଗର (ସାହିବାବାଦ)

ଜମି ଧାରକ ସଂଗଠନ(ପଞ୍ଜୀକୃତ)

ବନାମ

ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

29, ଏପ୍ରିଲ 1997

[କେ. ରାମାସ୍ୱାମୀ, ଏସ୍. ସାଗିର ଅହମ୍ମଦ ଏବଂ ଜି. ବି. ପଟ୍ଟନାୟକ ନ୍ୟାୟାଧୀଶବୃନ୍ଦ ]

*ଜମି ଅଧିଗ୍ରହଣ ଅଧିନିୟମ 1894:*

*1984ର ସଂଶୋଧନ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ଏବଂ ସୁଧ-ହକଦାର-ସହୟତା ରାଶି ଚୂଡ଼ାନ୍ତ ହେବା ପରେ, ଆୱାସ ଏଭମ ବିକାଶ ପରିଷଦର ଆଭିମୁଖ୍ୟ ଥିଲା ଯେ ସେମାନେ ସଂଶୋଧିତ ଅଧିନିୟମ ଅନୁଯାୟୀ ଋଣ ପରିଶୋଧ କରିବାକୁ ଉତ୍ତରଦାୟୀ ନୁହଁନ୍ତି-ଦାବିଦାରମାନେ ବଳକା ରାଶି ପାଇବାକୁ ହକଦାର ଅଟନ୍ତି- ଯେଉଁ ଦାବିଦାରମାନଙ୍କ ଜମି ଅଧିକୃତ ହୋଇଛି, ସେମାନଙ୍କ କ୍ଷେତ୍ରରେ ରାୟ ଅନୁଯାୟୀ ଜମି ଦଖଲ ଦିନଠାରୁ ଜମା ତାରିଖ ପର୍ଯ୍ୟନ୍ତ, ସୁଧ ଗଣନା କରାଯିବ।*

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 3571/1997 ।

C.M.W.P ସଂଖ୍ୟା 13550/92 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 6.5.96 ତାରିଖର ରାୟ ଏବଂ ଆଦେଶରୁ।

ଆବେଦନକାରୀଙ୍କ ପାଇଁ ଆର୍. କେ. ଗୁପ୍ତା ଏବଂ ସୁଧୀର କୁମାର ଗୁପ୍ତା ।

ଉତ୍ତରଦାତାମାନଙ୍କ ପାଇଁ ପି. କେ. ଜୈନ ଏବଂ ଏ. କେ. ଗୋୟଲ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ବିଶେଷ ଅନୁମତି ଦ୍ୱାରା କରାଯାଇଥିବା ଏହି ଆବେଦନ CMWP ସଂଖ୍ୟା 13550/92 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 6.5.1996 ରେ ପ୍ରଦାନ କରାଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ଡି-ବ୍ଲକ ଅଶୋକ ନଗର ସାହିବାବାଦ ବନାମ ରାଜ୍ୟ

ଭୂମି ଅଧିଗ୍ରହଣ ଅଧିନିୟମ (ସଂକ୍ଷେପରେ, 'ଅଧିନିୟମ') ର ଧାରା 4 (1) ଅନୁଯାୟୀ 26, ଜୁନ୍ 1982 ରେ ଏକ ଅଧିସୂଚନା ଜାରିକରି ଏକ ବୃହତ ଜମି ଅଧିଗ୍ରହଣ କରାଯାଇଥିଲା । ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ 27 ଫେବୃଆରୀ 1989 ରେ ଧାରା 11 ଅନୁଯାୟୀ କ୍ଷତିପୂରଣ ନିର୍ଣ୍ଣୟ କରି ତାଙ୍କ ରାୟ ପ୍ରଦାନ କରି ପ୍ରତି ବର୍ଗ.ଗଜ ପିଛା 50 ଟଙ୍କା ଏବଂ 37.50 ଟଙ୍କା ହାରରେ ପ୍ରଦାନ କରିଥିଲେ । ଏହା ମଧ୍ୟ 1984 ସଂଶୋଧନ ଅଧିନିୟମ ଦ୍ୱାରା ସଂଶୋଧିତ ଅଧିନିୟମ ଅନୁଯାୟୀ ସହାୟତା ଏବଂ ସୁଧ ପ୍ରଦାନ କରିଥିଲା । ସେହି ରାୟକୁ ଚୂଡ଼ାନ୍ତ କରାଯାଇଥିଲା । ପ୍ରଶ୍ନ ହେଉଛି: ଆବେଦନକାରୀ-ସଂଘର ସଦସ୍ୟମାନେ କ୍ଷତିପୂରଣ ପାଇବାକୁ ହକଦାର କି? ଏହି ରାୟ ଚୂଡ଼ାନ୍ତ ହୋଇଯାଇଥିବାରୁ, ଆୱାସ ଏବମ ବିକାଶ ପରିଷଦ ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟକୁ ଦୃଷ୍ଟିରେ ରଖି, ଯେ ସେମାନେ ସଂଶୋଧିତ ଅଧିନିୟମ ଅନୁଯାୟୀ ସହାୟତା ପ୍ରଦାନ କରିବାକୁ ଉତ୍ତରଦାୟୀ ନୁହଁନ୍ତି ଏବଂ ଦାବିଦାରମାନେ ଉତ୍ତର ପ୍ରଦେଶ ଆୱାସ ଏବମ ବିକାଶ ଅଧିନିୟମର ଅନୁସୂଚୀ ଅଧୀନରେ 15 ପ୍ରତିଶତ ଏବଂ 6 ପ୍ରତିଶତ ସୁଧ ପାଇବାକୁ ହକଦାର  ଅଟନ୍ତି । ପ୍ରଶ୍ନ ହେଉଛି: ଦେୟ ହେବାକୁ ଥିବା ବଳକା ରାଶି କେତେ? ଜମି ଅଧିଗ୍ରହଣ ଅଧିକାରୀ ତାଙ୍କ ଜବାବି-ସତ୍ୟପାଠ ଦାଖଲ କରିଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ 1157.895 ଏକର ପରିମିତ ଜମି ପାଇଁ କ୍ଷତିପୂରଣ ବାବଦକୁ 52,05,94,187.90 ଟଙ୍କା ପ୍ରଦାନ କରାଯିବ ବୋଲି ନିର୍ଣ୍ଣୟ କରାଯାଇଥିଲା । ଯେଉଁଥିରୁ 42,15,00,000 ଟଙ୍କା ଜମା କରାଯାଇଥିଲା ଏବଂ ବଳକା ରାଶି ଜମା କରିବାକୁ ରାଜି ହୋଇଥିଲେ, ଯାହା ଆୟୁକ୍ତ ଶ୍ରୀ ରାଜୀବ କୁମାର ସିଂଙ୍କ ଡିସେମ୍ବର 10,1992 ର ଚିଠି ଦ୍ୱାରା ସ୍ୱୀକାର କରାଯାଇଥିଲା । ତେଣୁ, 3,26,22,583.25 ଟଙ୍କାର ବଳକା ରାଶି, ସେମାନଙ୍କୁ ଦେୟଯୋଗ୍ୟ ଥିଲା । ସୁଧ ପ୍ରଦାନ କରିବାର ଦାୟିତ୍ୱ କେବଳ ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଜମି ଅଧିଗ୍ରହଣ ଅଧିକାରୀ ଜମି ଅଧିଗ୍ରହଣ କରିବା ପରେ ଜମିର ଦାଖଲ ନିଅନ୍ତି । ପରିଷଦ ତରଫରୁ କୁହାଯାଇଛି ଯେ କେବଳ 9.2 ଏକର ଜମିର ଅଧିକାର ପ୍ରଦାନ କରାଯାଇଥିଲା ଏବଂ ଅବଶିଷ୍ଟ ଜମି ବିତରଣ କରାଯାଇ ନାହିଁ । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ ସୁଧ ପ୍ରଦାନ କରିବାର ଦାୟିତ୍ୱ କେବଳ ଦଖଲ କରିବାର ତାରିଖ ଠାରୁ ଉତ୍ପନ୍ନ ହୁଏ ଏବଂ ଯେହେତୁ ଏହା ଦାବି କରାଯାଏ ଯେ ଜମିର ସମ୍ପୂର୍ଣ୍ଣ ବିସ୍ତାରକୁ ଦଖଲ ଦିଆଯାଇ ନାହିଁ, ଜମି ଅଧିଗ୍ରହଣ ଅଧିକାରୀଙ୍କୁ, ରାୟ ପରେ ଦାବିଦାରଙ୍କ ଯେଉଁ ଜମି ଦଖଲ କରାଯାଇଛି ତାହା କେଉଁ ଅଞ୍ଚଳର ଦଖଲ ଥିଲା ତାହା ସେ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଛି; ଏବଂ ଦାଖଲ ଗ୍ରହଣ ତାରିଖରୁ ଜମା ତାରିଖ ପର୍ଯ୍ୟନ୍ତ ସୁଧ ହିସାବ କରାଯିବ ଏବଂ ରାୟ ପ୍ରାପ୍ତି ତାରିଖରୁ ଛଅ ମାସ ମଧ୍ୟରେ ସୁଧ ଜମା କରାଯିବ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଆର୍. ପି                                                    ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।